## ଆଜି କ'ଣ କେଉଁଠି

**ଖଲ୍ଲିକୋଟ**

- ମର୍ଦ୍ଦରାଜ ମହୋତ୍ସବ, ସ୍ଥାନ– ଯୁବରାଜ ବଙ୍ଗଳା, ସମୟ–ସନ୍ଧ୍ୟା ୫ଟା।

## ସଂକ୍ଷେପରେ

### ବିଦ୍ୟୁତ ଚୋରି ରୋକିବାକୁ ଟିପିଏସ୍‌ଓଡିଏଲ୍‌ର ତତ୍ପରତା

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ)

ଛତ୍ରପୁର ଡିଭିଜନରେ ୧୫ରୁ ୨୦ଟି ମିଟର ଟ୍ୟାମ୍ପରିଂ ଘଟଣା ସାମ୍ନାକୁ ଆସିବା ପରେ ବିଦ୍ୟୁତ ଚୋରିକୁ ଠାବ କରିବା ପାଇଁ ଟିପିଏସଓଡିଏଲ ତତ୍ପର ହୋଇପଡ଼ିଛି। ମିଟର ଟ୍ୟାମ୍ପରିଂ ପାଇଁ ରିମୋଟ ସର୍କିଟ ମାନୁପୁଲେସନ ପଦ୍ଧତି ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ରିମୋଟ ଯୋଗେ ଏହି ଚୋରି ଚାଲିଛି। ଏପରିକି କିଛି ସ୍ଥାନରେ ଟ୍ୟାମ୍ପରିଂ ପାଇଁ ଚୁମ୍ବକ ମଧ ବ୍ୟବହାର ହେଉଛି। ଏଭଳି ଘଟଣା ସାମ୍ନାକୁ ଆସିବା ପରେ କମ୍ପାନୀର ଏନଫୋର୍ସମେଣ୍ଟ ଟିମ ଯାଞ୍ଚ ପ୍ରକ୍ରିୟା ଜୋରଦାର କରିଛି। ବିଜୁଳି ଚୋରି କରିବା ଫଳରେ ସାଧାରଣ ଓ ନିୟମିତ ଗ୍ରାହକ ପରୋକ୍ଷରେ ପ୍ରଭାବିତ ହୋଇଥାନ୍ତି। କମ୍ପାନୀର ଅଭିଜ୍ଞ କର୍ମଚାରୀମାନେ ଅତ୍ୟାଧୁନିକ ସରଞ୍ଜାମ ତଥା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ସବୁ ପ୍ରକାର ବିଦ୍ୟୁତ ଚୋରିକୁ ଠାବ କରିବାରେ ସକ୍ଷମ ଅଛନ୍ତି। ଏଣୁ ବିଦ୍ୟୁତ ଚୋରି ଭଳି ବେଆଇନ କାର୍ଯ୍ୟକଳାପରେ ସାମିଲ ନ ହେବା ପାଇଁ ଗ୍ରାହକମାନଙ୍କୁ ପରାମର୍ଶ ଦିଆଯାଇଛି। ଭାରତୀୟ ବୈଦ୍ୟୁତିକ ଅଧିନିୟମ ୨୦୦୩ର ଧାରା ୧୩୫ ଅନୁଯାୟୀ ବିଦ୍ୟୁତ ଚୋରି କରୁଥିବା ବ୍ୟକ୍ତିଙ୍କୁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଓ ଜରିମାନା ଦେବାକୁ ପଡିପାରେ। ଏଣୁ ବିଦ୍ୟୁତ ଚୋରିରୁ ନିବୃତ୍ତ ରହିବାକୁ ଟିପିଏସଓଡିଏଲ ପକ୍ଷରୁ ନିବେଦନ କରାଯାଇଛି।

### ବ୍ୟବସାୟୀଙ୍କୁ ହତ୍ୟା ମାମଲା
### ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୧୦।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଫାଷ୍ଟଗେଟରେ ୭ ବର୍ଷ ତଳେ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ହତ୍ୟା ମାମଲାରେ ବୁଧବାର ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)–୩ କୋର୍ଟରେ ମାମଲାର ବିଚାର ଚାଲିଥିବାବେଳେ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଏସଆଇ ମହେନ୍ଦ୍ର ସାହୁ କୋର୍ଟରେ ହାଜର ହୋଇ ହସ୍ତଗତ ତଥ୍ୟ ସମ୍ପର୍କରେ କହିଛନ୍ତି। ସେ ମାମଲାର ୧୮ ତମ ସାକ୍ଷୀ ଅଛନ୍ତି। ଆସନ୍ତା ୨୫ ତାରିଖରେ ମାମଲାର ପରବର୍ତ୍ତୀ ବିଚାରଣା ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛି। ଏନେଇ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ କ୍ୟାଡର ପିପି ବିକ୍ରମ କୁଣ୍ଡୁ ସୂଚନା ଦେଇଛନ୍ତି। ଉକ୍ତ ମାମଲାର ଅନ୍ୟତମ ତତ୍କାଳୀନ ତଦନ୍ତକାରୀ ଅଧିକାରୀ କୌଶିକ ମାଝୀଙ୍କୁ କୋର୍ଟରେ ହାଜର ହେବା ପାଇଁ ମଧ ନୋଟିସ ହୋଇଛି। ୨୦୧୭ରେ ଫାଷ୍ଟଗେଟ ବର୍ମା କଲୋନୀରେ ଟା' ବ୍ୟବସାୟୀ ଉପେନ୍ଦ୍ର ବେହେରାଙ୍କ ଦୋକାନ ଉପରକୁ ଦୁର୍ବୃତ୍ତମାନେ ବୋମା ମାଡ଼ କରିଥିଲେ। ସେଠାରେ ଚା' ପିଉଥିବା ସନ୍ତୋଷ ପାତ୍ର ଆହତ ହୋଇଥିଲେ। ହେଲେ ଦୋକାନ ଭିତରେ ବସିଥିବା ଉପେନ୍ଦ୍ର ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଥିଲେ।

# ସାଇବର ଠକେଇ, ଯୁବକ ହରାଇଲେ ୪.୯୭ ଲକ୍ଷ

ବ୍ରହ୍ମପୁର, ୧୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ପୁଣି ବ୍ରହ୍ମପୁରର ଜଣେ ଯୁବକ ସାଇବର ଠକଙ୍କ ଫାସରେ ପଡ଼ିଛନ୍ତି। ଠକେଇର ଶିକାର ହୋଇଥିବା ନିମଖଣ୍ଡି ଥାନା ଲୋଚାପଡାର ବ୍ରଜନଗର ୩ୟ ଗଳିରେ ରହୁଥିବା ଏ.ସଂଜୀବ ପାତ୍ର(୨୯) ଏ ନେଇ ସାଇବର ଓ ଅର୍ଥନୈତିକ ଥାନାରେ ଏତଲା ଦେଇଛନ୍ତି। ପୋଲିସ ୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଞ୍ଜୀବଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ହ୍ୱାଟସଆପରେ ଅନଲାଇନ ନିଯୁକ୍ତି ନେଇ ଏକ ମେସେଜ ଆସିଥିଲା। ଟେଲିଗ୍ରାମ ଗ୍ରୁପରେ ଯୋଡ଼ି ହୋଇ ଗୁଗୁଲରେ ବିଭିନ୍ନ ହୋଟେଲ ଗୁଡିକୁ ଲାଇକ ଏବଂ ରିଭ୍ୟୁ କରିବାକୁ ପଡିବ, ଯେଉଁଥିରୁ ତାଙ୍କୁ ଟଙ୍କା ମିଳିବ ବୋଲି ଦର୍ଶାଯାଇଥିଲା। ସଞ୍ଜୀବ ରାଜି ହେବାରୁ ତାଙ୍କ ନାଁ ସହ ବ୍ୟାଙ୍କ ଡିଟେଲ ଆଦି ସାଇବର ଗ୍ୟାଙ୍ଗ ମାଗି ନେଇଥିଲେ। ଏହାପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୫୦ଟଙ୍କା 'ଫୋନ ପେ' ମାଧ୍ୟମରେ ଆସିଥିଲା। ଏହାପରେ ତାଙ୍କୁ ଅନଲାଇନରେ ଦିଆଯାଇଥିବା ଟାସ୍କକୁ ସମ୍ପୂର୍ଣ୍ଣ କରିବାରୁ ତାଙ୍କର ଆସେଟ ବାଲାନ୍ସ ୮୨ହଜାର ଟଙ୍କା ହୋଇଯାଇଥିଲା। ପରବର୍ତ୍ତୀ ଟାସ୍କ ପାଇଁ ପ୍ରସ୍ତୁତ ହେବାକୁ ଠକ ଜଣକ କହିଥିଲେ। ଏଥିପାଇଁ ସେ ଆଉ ଏକ ଲିଙ୍କ ପଠାଇ ସେଥିରେ ଯୋଗାଯୋଗ କରିବାକୁ କହିଥିଲେ। ସଞ୍ଜୀବ ତାହା କରି ତାଙ୍କ ଟଙ୍କା କେମିତି ଉଠାଇବେ ବୋଲି ପଚାରିବାରୁ, ୧,୮୩,୫୦୦ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଆସିଥିଲା। ସେତିକି ଟଙ୍କା ଅନଲାଇନରେ ଠକଙ୍କ ଆକାଉଣ୍ଟରେ ଜମା କରିବା ପରେ ପୁଣି ସେ ଅନ୍ୟ ବାହାନା କରି ବାରମ୍ବାର ଟଙ୍କା ଡିପୋଜିଟ କରିବାକୁ କହିଥିଲେ। ସଞ୍ଜୀବ ଏଭଳି ୪,୯୭,୦୦୦ଟଙ୍କା ଜମା କରିବା ପରେ ମଧ କୌଣସି ଟଙ୍କା ଫେରସ୍ତ ଆସିଲାନାହିଁ। ସେ ଠକାମିର ଶିକାର ହୋଇଥିବା ଅନୁଭବ କରି ଥାନା ଦ୍ୱାରସ୍ଥ ହୋଇଛନ୍ତି। ଗତ ସପ୍ତାହକ ମଧରେ ସାଇବର ଗ୍ୟାଙ୍ଗ ୪ଜଣଙ୍କୁ ଜାଲରେ ପକାଇ ସେମାନଙ୍କ ଠାରୁ ପ୍ରାୟ ୩୦ ଲକ୍ଷ ଟଙ୍କା ଠକି ନେଲେଣି। ପୋଲିସ ଗ୍ୟାଙ୍ଗକୁ ଧରିବା ପାଇଁ ଛାନଭିନ ଚଳାଇଥିଲେ ବି ଏଯାଏଁ ସୁରାକ ପାଉନି।

# ରଙ୍ଗେଇଲୁଣ୍ଡାରେ ରାଜ୍ୟପାଳଙ୍କୁ ସ୍ୱାଗତ

ବ୍ରହ୍ମପୁର/ଗୋପାଳପୁର,୧୦।୧ (ନବୀନରାଜ ଆଚାରୀ/ତନୁଶ୍ରୀ ନାହାକ)



ରାଜ୍ୟପାଳଙ୍କ ସହିତ ଅନ୍ୟ ଅଧିକାରୀ।

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଦୁଇଦିନିଆ ଗଜପତି ଓ ଗଂଜାମ ଜିଲା ଗସ୍ତରେ ଭୁବନେଶ୍ୱରରୁ ବିମାନରେ ଆସି ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପରେ ବୁଧବାର ପୂର୍ବାହ୍ନରେ ପହଞ୍ଚିଥିଲେ। ଏହି ସମୟରେ ଗଂଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କିର୍ତ୍ତିଓ୍ୱାସନ, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଓ ବ୍ରହ୍ମପୁର ଏସପି ଡ଼.ସର୍ବଣା ବିବେକ ଏମ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସେ ରାଜପଥରେ ଗଜପତି ଜିଲା ଗୋଷାଣୀ ବ୍ଲକ ଅଭିମୁଖେ ଯାତ୍ରା କରିଥିଲେ। ଗୁରୁବାର ମା' ତାରାତାରିଣୀଙ୍କ ଦର୍ଶନ ସାରି କୁକୁଡ଼ାଖଣ୍ଡି ବ୍ଲକ, ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ପରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୧୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ସ୍କୁଲ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ବୁଧବାର ୧୦ ବର୍ଷ ଜେଲ ଦଣ୍ଡ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ କୋର୍ଟ ଜଜ ଗଣେଶ୍ୱର ପତି ମାମଲାର ଶୁଣାଣି କରି ଜେଲଦଣ୍ଡ ସହିତ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଛତ୍ରପୁର ଥାନା ହୁମର ଗ୍ରାମର ଶଙ୍କର ବେହେରା।

୨୦୧୩ରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ସ୍କୁଲରୁ ଘରକୁ ଫେରୁଥିବା ବେଳେ କରାଖାଇ ପାହାଡ଼ ନିକଟରେ ତାଙ୍କୁ ଜଣେ ଯୁବକ ଅଟକାଇଥିଲେ। ଛୁରୀ ଦେଖାଇ ଭୟଭୀତ କରି ନିକଟସ୍ଥ କାଜୁ ଜଙ୍ଗଲକୁ ନେଇ ସେଠାରେ ତାଙ୍କୁ ଉଲଗ୍ନ କରି ତଙ୍କ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରିଥିଲେ। ଏପରିକି ଯୁବକ ଜଣଙ୍କ ତାଙ୍କରି ମୋବାଇଲରେ ପିଡ଼ିତାଙ୍କ ନଗ୍ନ ଫୋଟ ଉଠାଇଥିଲେ। ଏନେଇ କାହାରିକି ଜଣାଇଲେ ଫୋଟଗୁଡିକ ଭାଇରାଲ କରିବା ଧମକ ଦେଇଥିଲେ। ସେହିପରି ୨୦୧୫ ମାର୍ଚ୍ଚ ୨୬ ତାରିଖରେ ନାବାଳିକା ଜଣଙ୍କ ଏକ ସିଲାଇ କେନ୍ଦ୍ରରୁ ଘରକୁ ଫେରୁଥିବା ବେଳେ ରାସ୍ତାରୁ ଶଙ୍କର ତାଙ୍କୁ ବଳପୂର୍ବକ ଉଠାଇ ଏକ ଘର ଭିତରେ ରଖି ବଳାତ୍କାର କରୁଥିଲେ। ପିଡ଼ିତା ଜଣଙ୍କ ଚିତ୍କାର କରିବାରୁ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ କାବୁ କରି ଗ୍ରାମକୁ ନେଇଥିଲେ। ସେଠାରେ ଅନୁଷ୍ଠିତ କୁଳ ବୈଠକରେ ଯୁବକ ଜଣଙ୍କ ତାଙ୍କୁ ବିବାହ କରିବାକୁ ରାଜି ହେବା ସହ ସମୟ ମାଗି ସେଠାରୁ ଚାଲିଯାଇଥିଲେ। ନିର୍ଦ୍ଧାରିତ ସମୟ ମଧରେ ସେ ବିବାହ କରିବା ପରିବର୍ତ୍ତେ ପିଡ଼ିତାଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଦାବି କରିଥିଲେ। ବଳାତ୍କାର ଓ ପ୍ରତାରଣାର ଶିକାର ହେବା ପରେ ଶେଷରେ ପିଡ଼ିତା ଜଣଙ୍କ ଏନେଇ ୨୦୧୫ ଜୁନ ୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ତାଙ୍କର ବୟାନ ଦେଇଥିଲେ। ଗଞ୍ଜାମ ଥାନା ପୋଲିସ ନଂ.୨୯।୧୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶଙ୍କର ବେହେରାଙ୍କୁ ଗିରଫ କରିଥିଲା। ଉଭୟଙ୍କ ମେଡିକାଲ ଟେଷ୍ଟ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ୨୦୧୬ ମଇ ୨୬ ତାରିଖରେ ହାଇକୋର୍ଟରୁ ସେ ଜାମିନ ପାଇଥିଲେ। ମାମଲାର ବିଚାରଣା ବେଳେ ୧୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ଶଙ୍କର କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ଦଣ୍ଡ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ଶିଙ୍ଗାରି ମକଦ୍ଦମା ପରିଚାଳନା କରିଥିଲେ।

# ଏମ୍‌କେସିଜିରୁ କ୍ଲିନିକକୁ ରୋଗୀ ଚାଲାଣର ତଦନ୍ତ ଆରମ୍ଭ

ବ୍ରହ୍ମପୁର, ୧୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲରୁ ବିଭିନ୍ନ ସମୟରେ କ୍ଲିନିକକୁ ରୋଗୀ ଚାଲାଣ ଅଭିଯୋଗ ହେଉଛି। ଦଲାଲଙ୍କ ପରେ କିଛି ନିର୍ଦ୍ଦିଷ୍ଟ ଡାକ୍ତର ଏଥିରେ ଲିପ୍ତ ରହୁଥିବା ଅଭିଯୋଗ ଉଠିଛି। ଅସ୍ତିଶଲ୍ୟ ବିଭାଗରୁ କିଛି ରୋଗୀଙ୍କୁ ଗୋଇଲୁଣ୍ଡିର ଏକ ନିର୍ଦ୍ଦିଷ୍ଟ କ୍ଲିନିକକୁ ରେଫର୍ ଅଭିଯୋଗ ପରେ ବିଭାଗୀୟ କର୍ତ୍ତୃପକ୍ଷ ବୁଧବାର ତଦନ୍ତ ଆରମ୍ଭ କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ରୋଗୀଙ୍କୁ ରେଫର୍ କରାଯାଇଛି ତା'ର ତଦନ୍ତ ଆରମ୍ଭ ହୋଇଥିବା ବଡ ଡାକ୍ତରଖାନା ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା କହିଛନ୍ତି। ବଡ ଡାକ୍ତରଖାନାରୁ କୌଣସି ରୋଗୀଙ୍କୁ କ୍ଲିନିକକୁ ରେଫର୍ କରାଯାଇ ପାରିବ ନାହିଁ। ଜୁନିୟର୍ ଡାକ୍ତରମାନେ ଘରୋଇ କ୍ଲିନିକରେ ବି ଚିକିତ୍ସା କରିପାରିବେ ନାହିଁ। କିନ୍ତୁ ବିଭିନ୍ନ କ୍ଲିନିକରେ ଏମକେସିଜି ମେଡିକାଲର ଡାରକ୍ତମାନେ ରୋଗୀସେବା କରୁଛନ୍ତି। ଯେଉଁ ରୋଗୀଙ୍କୁ କ୍ଲିନିକକୁ ରେଫର କରାଯାଇଛି ସେମାନଙ୍କ ନିକଟରେ ବିଏସକେୱାଇ କାର୍ଡ ଥିବା ଜଣାପଡିଛି। ଆବଶ୍ୟକ ଅନୁସାରେ ଅଧିକ ଚିକିତ୍ସା ପାଇଁ ଡାକ୍ତର ରୋଗୀଙ୍କୁ ଏମକେସିଜିରୁ କଟକ ଏସସିବିକୁ ରେଫର୍ କରି ପାରିବେ। କାହାକୁ ଘରୋଇ କ୍ଲିନିକକୁ ପଠାଯାଇଛି ତା'ର ତଥ୍ୟ ପ୍ରଦାନ କରିବାକୁ ଏମକେସିଜି କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି।

### ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦାବି

ବ୍ରହ୍ମପୁର,୧୦।୧(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ରାସ୍ତା ପାର୍ଶ୍ୱ ଜବରଦଖଲ ଯୋଗୁ ଅନେକ ଧନଜୀବନ ଯାଉଛି। ବିଶେଷ କରି ବରିଷ୍ଠ ନାଗରିକମାନେ ଦୁର୍ଘଣଟଣାର ଶିକାର ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ କାହାରି ଚିନ୍ତା ନାହିଁ। ଗତ ୯ ତାରିଖ ଟ୍ରାଫିକ ସମସ୍ୟା ଯୋଗୁଁ ଜଣେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପାତ୍ରଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସୁରେନ୍ଦ୍ର ଲଫିଂ କ୍ଲବରୁ ନିଜ ବାଲ୍ମିକୀପେଟା ଘରକୁ ଫେରିବା ବେଳେ ଟ୍ରାଫିକଜନିତ ସମସ୍ୟାରେ ଫସି ଯାଇଥିଲେ। ସେତେବେଳେ ଏକ ଭାରିଯାନ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଦୈନିକ ଦୁର୍ଘଟଣା ଘଟୁଛି, ଜୀବନ ବି ଯାଉଛି। ବ୍ରହ୍ମପୁର ଏସପି ଏ ଦିଗରେ ଦୃଷ୍ଟି ଦେଇ ସହରର ଟ୍ରାଫିକ ସମସ୍ୟା ଦୂର କରିବାକୁ ଓଡିଶା ସେବା ନିବୃତ୍ତ ବିକାଶ ମଞ୍ଚ ବୁଧବାର ଦାବି କରିଛି। ମଞ୍ଚର ଗଞ୍ଜାମ ଜିଲା ସଭାପତି କାମରାଜୁ ମହାରଣା, କାର୍ଯ୍ୟକାରୀ ସଭାପତି କେ.କୃଷ୍ଣମୂର୍ତ୍ତି, ସଂପାଦକ ପ୍ରଦୀପ ସାହୁ, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡଙ୍ଗା ପ୍ରମୁଖ ଏକ ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି।

### ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜି.ଉଦୟଗିରି,୧୦।୧(ଶିଶିର ପଟ୍ଟନାୟକ)–

ଜି.ଉଦୟଗିରି ଏନ୍‌ଏସି ସଭାଗୃହଠାରେ ବୁଧବାର ଦୁଇ ଦିନିଆ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)ର ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଏସି ଅଧକ୍ଷା ଦେବସ୍ମିତା ଶତପଥୀ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଏହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉପାଧକ୍ଷ ସନ୍ତୋଷ କୁମାର ବାଘ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଭୁବନେଶ୍ୱର ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଶାରଦା ପ୍ରସାଦ ପଣ୍ଡା ଆଭାଷୀ ମାଧମରେ ଏହି ଯୋଜନା ସମ୍ପର୍କରେ ବୁଝାଇଥିଲେ। ରିସୋର୍ସ ପର୍ସନ ଭାବେ ସର୍ବେଶ୍ୱର ସିଂ ସାହୁ ଓ ଜ୍ୟୋତିରଞ୍ଜନ ହୋତା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉ୍ତା କନ୍ଧମାଳରୁ ଶରତ କୁମାର ଗୌଡ଼ ଓ ଶୁଭରଞ୍ଜନ ସାହାଣୀ ଯୋଗଦେଇଥିବା ବେଳେ ଜି. ଉଦୟଗିରି ଏନ୍‌ଏସିର ମୁକ୍ତା ସଂଯୋଜକ ପ୍ରଭାତ ରଞ୍ଜନ ସାହୁ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ଫୁଲବାଣୀ ପୌର ପରିଷଦ, ବାଲିଗୁଡ଼ା ଏନ୍‌ଏସି ଓ ଜି.ଉଦୟଗିରି ଏନ୍‌ଏସିର ମିଶନ ଶକ୍ତି ସଦସ୍ୟମାନେ ଯୋଗଦେଇଛନ୍ତି।

# ଆଇଟିଆଇରେ ଆଞ୍ଚଳିକ ଫେଷ୍ଟ ସରିଲା




ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଗତ ୮ ତାରିଖରୁ ଚାଲିଥିବା ଆଞ୍ଚଳିକ ଫେଷ୍ଟ ବୁଧବାର ସରିଛି। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ କର୍ମ ନିୟୋଜନ ସଂସ୍ଥାର ଡେପୁଟି ଡାଇରେକ୍ଟର ଏଲ କେ ନାୟକ, ସମ୍ମାନନୀୟ ଅତିଥି ରୂପେ ହିଞ୍ଜିଳିକାଟୁ ଆଇଟିଆଇର ଅଧକ୍ଷ ଇଂ ରାଜେଶ ତ୍ରିପାଠି ଯୋଗ ଦେଇଥିଲେ। ୩ ଦିନିଆ କାର୍ଯ୍ୟକ୍ରମରେ ଗଞ୍ଜାମ ଓ ଗଜପତି ଜିଲାର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିମଧ୍ୟରୁ ୫୦୦ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆସନ୍ତା ଫେବୃଆରୀରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଭାଗ ନେବେ ବୋଲି ଆଇଟିଆଇ ଅଧକ୍ଷ ଡ ରଜତ କୁମାର ପାଣିଗ୍ରାହୀ କହିଛନ୍ତି।

# ପ୍ରତାରଣା ଅଭିଯୋଗରେ ବି–ଟେକ୍ ଛାତ୍ର ଗିରଫ

ବ୍ରହ୍ମପୁର , ୧୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ମହିଳା ଥାନା ପୋଲିସ କବିସୂର୍ଯ୍ୟନଗର ଥାନା ବଡ ଝରିଡାମାଳି ସାହିର ପୂର୍ଣ୍ଣଚନ୍ଦ୍ର ମୁନୀ(୨୭)ଙ୍କୁ ଗିରଫ କରିଛି। ସେ ଗୋଳନ୍ଥରା ଥାନା ଅଞ୍ଚଳରେ ଏକ ଘରୋଇ କଲେଜରେ ବି–ଟେକ କରୁଥିବା ପୋଲିସ କହିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ସେହିପରି କୋର୍ଟରେ ପୀଡ଼ିତାଙ୍କ ଧାରା ୧୬୪ ଅନୁସାରେ ବୟାନ ରେକର୍ଡ କରାଯାଇଛି। ମାମଲା ନଂ.୭/୨୪ ରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। କିଛିମାସ ପୂର୍ବେ ଯାଜପୁର ଅଞ୍ଚଳର ଜଣେ ଯୁବତୀ କାମ ଅନ୍ୱେଷଣରେ ବ୍ରହ୍ମପୁର ଆସିଥିଲେ। ସେହି ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ସେମାନେ ଭୁବନେଶ୍ୱର ଯାଇ ସେଠାରେ ଏକ ଲଡ଼ଜିଂରେ ରହିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଅନିଚ୍ଛାସତ୍ତ୍ୱେ ଯୁବକ ଜଣଙ୍କ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେମାନେ ବ୍ରହ୍ମପୁର ଆସି ଏକ ଘର ଭଡ଼ା ନେଇ ରହିଥିଲେ। ଯୁବତୀ ଜଣଙ୍କ ବିବାହ କରିବାକୁ ବାଧ କରିବାରୁ ପୂର୍ଣ୍ଣଚନ୍ଦ୍ର ତାଙ୍କୁ କିଛି ନଜଣାଇ କେଉଁଆଡେ ଚାଲିଯାଇଥିଲେ। ପୀଡ଼ିତା ଏ ନେଇ ପୂର୍ବରୁ ଥାନାରେ ଖବର କରିଥିଲେ ମଧ ପୂର୍ଣ୍ଣଚନ୍ଦ୍ରଙ୍କ ବିରୋଧରେ ଅଭିଯୋଗ ନକରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲେ। ମଙ୍ଗଳବାର ସେ ପରୀକ୍ଷା ଦେବାକୁ ଉକ୍ତ କଲେଜକୁ ଆସୁଥିବା ଖବର ପାଇ ଯୁବତୀ ଜଣଙ୍କ ସେଠାରେ ପହଞ୍ଚି ତାଙ୍କୁ ବିବାହ କରିବାକୁ ଜିଦ ଧରିଥିଲେ। ପୀଡ଼ିତା ଏନେଇ ମହିଳା ଥାନାକୁ ଫୋନ କରିଥିଲେ। ପୋଲିସ ସେଠାରେ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କୁ ଧରି ଥାନାକୁ ଆଣି ପଚରା ଉଚରା ପରେ ସେ ଯୁବତୀଙ୍କୁ ଏକାକୀ ଛାଡି ଆନ୍ଧ୍ରପ୍ରଦେଶରେ ଲୁଚି ରହିଥିଲେ ବୋଲି ଜଣାପଡିଥିଲା।

# ଜିଲା ବ୍ରାହ୍ମଣ ପୁରୋହିତ ସମିତିର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ)

ଜିଲା ବ୍ରାହ୍ମଣ ପୁରୋହିତ ସମିତିର ୨୬ ତମ ବାର୍ଷିକ ଉତ୍ସବ ମା' ବାଲ୍ୟ ଠାକୁରାଣୀ ପୀଠରେ ପାଳିତ ହୋଇଯାଇଛି। ସମିତିର ସଭାପତି ଉମା ବଲଭ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ମହନ୍ତ ହରିହର ଦାଶ, ମୁଖ୍ୟବକ୍ତା ହୃଷୀକେଶ ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ରୂପେ ଲଡୁକେଶ୍ୱର ପଣ୍ଡା ଓ ଅନୁଷ୍ଠାନର ଉପଦେଷ୍ଟା ନାରାୟଣ ରଥ ଓ କାର୍ଯ୍ୟକାରୀ ସଭାପତି ନୀଳମାଧ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ସନ୍ତୋଷ କର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବ୍ରାହ୍ମଣଙ୍କ ଏକତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଂଘର ନୂତନ କମିଟି ଗଠିତ ହୋଇଥିଲା। ସଭାପତି ରୂପେ ନୀଳମାଧବ ତ୍ରିପାଠୀ, ଉପସଭାପତି ନରସିଂହ ପାଠୀ, ଅକ୍ଷୟ କୁମାର ପାଢ଼ୀ, କରୁଣା କର ଦାଶ, ସମ୍ପାଦକ ସନ୍ତୋଷ କର, ସହ ସମ୍ପାଦକ ଟୁଟୁ ରଥ, ନିରଞ୍ଜନ ନନ୍ଦ, ସାଂଗଠନିକ ସମ୍ପାଦକ ଅପୂର୍ବ ଆଚାର୍ଯ୍ୟ, ରବୀନ୍ଦ୍ର ଷଡଙ୍ଗୀ, ବିଭୁନନ୍ଦନ ପଣ୍ଡା, ଯଜ୍ଞ ରଥ, ଆଇନ ପରାମର୍ଶଦାତା ଶରତ ଚନ୍ଦ୍ର ଦାଶ ପ୍ରମୁଖ ମନୋନୀତ ହୋଇଥିଲେ। ସୁଧାଂଶୁ କର ଓ ବିଭୁନନ୍ଦନପଣ୍ଡା ସହଯୋଗ କରିଥିଲେ।

# ରାମେଶ୍ୱର ଟ୍ରଫି: ଲିଡ୍‌ସ ଏକାଡେମୀ ବିଜୟୀ



୨ ଦଳର ଖେଳାଳି।

ବ୍ରହ୍ମପୁର,୧୦।୧(ତନୁଶ୍ରୀ ନାହାକ)

ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା ଷଷ୍ଠ ରାମେଶ୍ୱର ଟ୍ରଫିରେ ଗୁରୁବାର ଦ୍ୱିତୀୟ ଦିବସରେ ରମ୍ଭା କ୍ରିକେଟ କ୍ଲବ ଓ ଲିଡ୍ସ କ୍ରିକେଟ ଏକାଡ଼େମୀ ମଧରେ ମୁକାବିଲା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଲିଡ୍ସ ଏକାଡ଼େମୀ ୩୦ ଓଭରରେ ୯ ୱିକେଟ ହରାଇ ୧୮୦ ରନ କରିଥିଲା। ଜବାବରେ ରମ୍ଭା ସମସ୍ତ ୱିକେଟ ହରାଇ ୨୬.୧ ଓଭରରେ ୧୧୯ ରନ ରନରେ ସୀମିତ ରହିଥିଲା। ସାଗର ପଣ୍ଡା ଏବଂ ଭେଙ୍କେଟ ରାବଣା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ନବୀନ କୁମାର। ମ୍ୟାଚରେ ଅତିଥି ଭାବେ ୮ନଂ ୱାର୍ଡ କର୍ପୋରେଟର ଜାମୁଲ ଶ୍ରୀନିବାସ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଟ୍ରକ୍ ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର,୧୦।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଟ୍ରକ ଚକା ତଳେ ପଡି ଜଣେ ବୃଦ୍ଧ ସୁରେଶ ପାତ୍ର (୬୭)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ଟ୍ରାଫିକ ଥାନା ପୋଲିସ ଅଭିଯୁକ୍ତ ଟ୍ରକ ଚାଳକଙ୍କୁ ବୁଧବାର ଗିରଫ କରିଛି। ତାଙ୍କର ନାମ ଆର. ଗୋବିନ୍ଦ ରେଡ୍ଡି ଓ ଘର ରମ୍ଭା ଥାନା ଅଞ୍ଚଳରେ ହୋଇଥିବାବେଳେ ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସୁରେଶ ମଙ୍ଗଳବାର ଗେଟ ବଜାରରୁ ଚାଲି ସିଟି ହସ୍ପିଟାଲ ଦେଇ ଯାଉଥିଲେ। ତାଙ୍କ ପଛପଟୁ ଏକ ଟ୍ରକ ( ଓଆର୍‌୦୭ଏସ ୧୨୫୬) ଧକ୍କା ଦେଇଥିଲା। ଖବର ପାଇ ଟ୍ରାଫିକ ଥାନା ପୋଲିସ ସେଠାରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରାଫିକ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ନଂ.୨୫।୨୪ରେ ଏକ ମାମଲା ରୁଜୁ କରିଥିଲା।

## ଦଳପତି ମହାସଭା ମହୁରୀ ତାଲୁକା ସାଧାରଣ ବୈଠକ
# ଗରିବ ପିଲାଙ୍କୁ ଶିକ୍ଷାଦାନ ବ୍ୟବସ୍ଥା ନିଷ୍ପତ୍ତି

ବ୍ରହ୍ମପୁର,୧୦।୧(ନରସିଂହ ସାହୁ)

ମହୁରି ତାଲୁକା ଦଳପତି ମହାସଭାର ସାଧାରଣ ବୈଠକ ବ୍ରହ୍ମପୁର ଗୋକୁଳଧାମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାସଭା ସଂଗଠନକୁ ଅଧିକ ଶକ୍ତିଶାଳି କରିବା ପାଇଁ ରେଶମ ସହରର ବସବାସ କରୁଥିବା ଦଳୁଆ ଜାତିର ଲୋକଙ୍କ ଘରକୁ ଘର ବୁଲି ସେମାନଙ୍କ ସମସ୍ୟା ବୁଝିବା ଏବଂ ସମାଧାନର ପଦକ୍ଷେପ ନିଆଯିବା ସହ ଆର୍ଥିକ ଅନଗ୍ରସର ପରିବାରର ପିଲାମାନଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ମହାସଭା ସଦସ୍ୟା ଓ ସଦସ୍ୟମାନେ ସମାଜର ଅବହେଳିତ ଲୋକଙ୍କ ଉନ୍ନତି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଥିଲେ।

ସଭାପତି ନିରଞ୍ଜନ ଜେନା ଅଧକ୍ଷତା କରିଥିଲେ। ଜିଲା ବିଜେଡି ଉପସଭାପତି ଭୀମସେନ ଦଳେଇ, ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାକୁ ନେଇ ଗଠିତ ମହିଳା ବିଜେଡି ଜୋନ ସଭାନେତ୍ରୀ ମମତା ବିଶୋୟୀ ସମ୍ମାନିତ ଅତିଥି ଥିଲେ। କୁକୁଡ଼ାଖଣ୍ଡି ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ଦଳପତି ସଭାର ସମ୍ପାଦକ ପର୍ଶୁରାମ ଜେନା ଉଦବୋଧନ ଦେଇଥିଲେ। ଏହି ଅବସରରେ ମହାସଭା ପକ୍ଷରୁ ନୂଆ ବର୍ଷର କ୍ୟାଲେଣ୍ଡର ଲୋକାର୍ପିତ କରାଯାଇଥିଲା। ଦଳପତି ସମାଜର ବରିଷ୍ଠମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସଭାପତି ଭାଷଣ ପ୍ରସଙ୍ଗରେ ଖୁବ ନିକଟରେ କେନ୍ଦ୍ରୀୟ କମିଟି ଦ୍ୱାରା ନୂଆ କମିଟି ଗଠନ କରାଯିବ ଏବଂ ସେମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦିଆଯିବାର ସୂଚାଇଥିଲେ। ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସୂର୍ଯ୍ୟକାନ୍ତ ପାତ୍ର, ଜଗନ୍ନାଥ ରାଉତ, କମଳ କୁମାର ପାତ୍ର, ମୁନା ଜେନା, ସାଇ ପ୍ରସାଦ ପାତ୍ର, ନିତ୍ୟାନନ୍ଦ ଦଳେଇ, ସୁବାସ ପାତ୍ର, ସନ୍ତୋଷ ମହାନ୍ତି, ହରିକୃଷ୍ଣ କୋଠିଆ, ଶାନ୍ତନୁ ପାତ୍ର, କୁନା ବିଶୋୟୀଙ୍କ ସମେତ ମହୁରୀ ତାଲୁକା ଓ ଆଞ୍ଚଳିକ କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆସିକା ବନାଞ୍ଚଳରେ ୧୫ ପ୍ରଜାତିର ୩୯୭୪ ପକ୍ଷୀ

ଆସିକା,୧୦।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳର ଆସିକା, ଶେରଗଡ, ଧରାକୋଟ ଓ ଷଡିଙ୍ଗିପଲ୍ଲୀ ସେକ୍ସନରେ ବୁଧବାର ପକ୍ଷୀ ଗଣନା ହୋଇଥିଲା। ଅଧିକ ପକ୍ଷୀ ସମାଗମ ହେଉଥିବା ୧୧ଟି ଜଳାଶୟ ନିକଟରେ ଗଣନା ହୋଇଥିଲା। ଏସବୁ ସ୍ଥାନରେ ୧୫ଟି ପ୍ରଜାତିର ସମୁଦାୟ ୩,୯୭୪ ପକ୍ଷୀ ରହିଥିବା ଜଣାପଡିଛି । ସେଥିମଧ୍ୟରେ ବଗ, ପାଣିକୁଆ, ଡାହୁକ, ମାଛରଙ୍କା, କୁଜି ହଂସ, ଟିଟିଆଁ, ଚିଲ ଆଦି ପକ୍ଷୀ ଅଛନ୍ତି। ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନ ବିଭାଗ କର୍ମଚାରୀମାନଙ୍କୁ ନେଇ ପକ୍ଷୀ ଗଣନା କରାଯାଇଥିଲା।

### ବୁଦ୍ଧଖୋଲ ପାଦଦେଶରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

ବୁଗୁଡ଼ା,୧୦।୧ (କାଳିଚରଣ ଦାଶ)

ସ୍ଥାନୀୟ ଐତିହାସିକ ଶୈବପୀଠ ତଥା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲର ପାଦଦେଶରେ ୟୁବାଂଶ ୟୁଥ୍ ଅର୍ଗାନାଇଜେଶନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅର୍ଗାନାଇଜେଶନ ଫାଉଣ୍ଡର ଈପ୍ସିତା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପିପୁଲ୍ସ କଲେଜର ଏନ୍‌ସିସି, ୟୁଥ୍ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିବା ବେଳେ ଏଥିରେ ଅତିଥି ଭାବେ ଏସିଏଫ୍ ଓଁକାର ଦାଶ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଅଧିବକ୍ତା ବିଭୁଦତ୍ତ ନାୟକ, ଅଧ୍ୟାପକ ଅଜୟ କୁମାର ସାହୁ, ବୁଦ୍ଧଖୋଲ ଉନ୍ନୟନ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଉକ୍ତ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବୁଦ୍ଧଖୋଲ ପାଦଦେଶସ୍ଥ ବିଭିନ୍ନ ପିକ୍‌ନିକ ସ୍ଥଳରୁ ପ୍ରାୟ ୨୦୦ କିଲୋଗ୍ରାମ ପ୍ଲାଷ୍ଟିକ ଏବଂ ପଲିଥିନ ସଂଗ୍ରହ ସାଙ୍ଗକୁ ପରିବେଶକୁ ସଫେଇ କରାଯାଇଥିଲା।

### ପରଳ ଚକ୍ଷୁ ପରୀକ୍ଷା ଶିବିର

କବିସୂର୍ଯ୍ୟନଗର,୧୦।୧ (କୃପାସିନ୍ଧୁ ସ୍ୱାଇଁ)

ବରିଷ୍ଠ ସାମାଜିକ କର୍ମୀ ତଥା ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ବୁଢ଼ାମ୍ବଠାରେ ହୋଇଯାଇଛି। ଉକ୍ତ ଶିବିରକୁ ଯଜ୍ଞପ୍ରସାଦ ପଣ୍ଡା ଦୀପ ପ୍ରଜ୍ୱଳନପୂର୍ବକ ଆରମ୍ଭ କରିଥିଲେ। ଏଥିରେ ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଗଲା । ମୋଟ ୧୧୩ ଜଣଙ୍କର ଚକ୍ଷୁ ପରୀକ୍ଷା ମଧ୍ୟରୁ ୧୭ଙ୍କୁ ଚଷମା, ୪୮ଙ୍କୁ ପରଳ ଓ ଆଜି ୪୧ ଜଣଙ୍କୁ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ହସ୍ପିଟାଲକୁ ପଠାଗଲା। ୧୧ଜଣଙ୍କର ରେଟିନା ଚେକ୍‌ଅପ୍ କରଗଲା। ଯଜ୍ଞପ୍ରସାଦ ପଣ୍ଡାଙ୍କ ସୂଚନା ଅନୁଯାୟୀ କବିସୂର୍ଯ୍ୟନଗରର ଗରିବ ଲୋକଙ୍କ ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁଙ୍କ ମିଳିତ ଆନୁକୂଲ୍ୟରେ ଏହି ପ୍ରକାରର ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ପ୍ରତିମାସର ଦ୍ୱିତୀୟ ଶୁକ୍ରବାର ଦିନ କରାଯିବ । ନଳିନୀକାନ୍ତ ରାଉତ, ମିସ୍ ଅଙ୍କିତା, ମିସ୍ ସୂଚନା ରାଉତ ଓ ଇପିଲି ସାକିଲି ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଛତ୍ରପୁର,୧୦।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ )

ଗଞ୍ଜାମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସ୍ୱାଗତ କରିବା ସହ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଜିଲାର ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ପରୀକ୍ଷା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରେ ଓଡିଆ ବକ୍ତୃତା ପ୍ରତିଯୋଗିତା, ୧୮ରେ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଏବଂ ୧୯ରେ ଇଂରାଜୀ ବକ୍ତୃତା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ ।

ପ୍ରତିଯୋଗିତା ହେବ। ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବେ। ଆସନ୍ତା ୨୨ ଓ ୨୩ ତାରିଖ ଅପରାହ୍ନ ୩ଟା ଏବଂ ୨୪ ତାରିଖ ପୂର୍ବାହ୍ନ ୮ଟାରେ ପ୍ୟାରେଡ଼ ଅଭ୍ୟାସ କରାଯିବ । ଜାତୀୟ ଉତ୍ସବ ପାଳନ ଦିନ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୋର ୫ଟାରେ ଛତ୍ରପୁର ସହରରେ ରାମଧୂନ ପରିବେଷଣ କରାଯିବ। ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ଼ ପଡିଆରେ ସକାଳ ସାଢ଼େ ୮ଟାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିବେ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଉକ୍ତ ଦିନ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭ଟା ୧୫ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ (ଋଷିକୂଲ୍ୟା)ଠାରେ ଅପରାହ୍ନ ୩ଟାରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଛତ୍ରପୁର ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଜିଲା ପ୍ରଶାସନ ଓ ଗଣ ମାଧ୍ୟମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ହେବ। ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ, ସାଧାରଣ ପରିଚାଳକ, ଡି.ଆଇ.ସି. ପ୍ରସନ୍ନ କୁମାର ପାତ୍ର, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ବ୍ଲକ୍ ଶିକ୍ଷାଧିକାରୀ ସୀତାରାମ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ମଳୟ କୁମାର ସାହୁ, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିଥିଲେ।

## ରାଜ୍ୟପାଳ ତାରାତାରିଣୀ ପୀଠକୁ ଯିବେ ଆଜି

ଛତ୍ରପୁର,୧୦।୧ (ସନ୍ତୋଷ ପାଢ଼ୀ )

ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ଗୁରୁବାର ଗଞ୍ଜାମ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଚୂଡାନ୍ତ ହୋଇଛି। ବୁଧବାର ସେ ଗଜପତି ଜିଲାରୁ ଫେରି ରାତିରେ ଗୋପାଳପୁରସ୍ଥିତ ସର୍କିଟ୍ ହାଉସରେ ରହିବେ। ଗୁରୁବାର ପୂର୍ବାହ୍ନ ୧୦ଟା ୧୫ ମିନିଟରେ ମା' ତାରାତାରିଣୀଙ୍କ ପୀଠକୁ ଦର୍ଶନ କରିବେ। ସେଠାରୁ ହୁମ୍ମା ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ "ପୋଷଣ" କାର୍ଯ୍ୟକ୍ରମରେ ଯୋଗ ଦେବେ। ପରେ ଡ଼ିମିରା ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଥିବା ଲାଭାର୍ଥୀ ମାନଙ୍କ ସହ ସାକ୍ଷାତ ଏବଂ ସରକାରୀ ବିଦ୍ୟାଳୟକୁ ଯିବେ। ଦିନ ସାଢ଼େ ୧ଟାରେ ଛତ୍ରପୁର ସର୍କିଟ୍ ହାଉସ୍ ଠାରେ ମଧ୍ୟାହ୍ନ ଭୋଜନ କରିବେ। ଅପରାହ୍ନ ସାଢ଼େ୨ଟାରେ ଚମାଖଣ୍ଡି ସ୍ଥିତ ସେଣ୍ଟ୍ରାଲ ଫୁଡ୍ ପ୍ରୋସେସିଂ ୟୁନିଟ୍ ଗସ୍ତ କରି ମହିଳା ସଂଘ ସଦସ୍ୟ ମାନଙ୍କୁ ସାକ୍ଷାତ କରିବେ। ସେଠାରୁ କୁକୁଡ଼ାଖଣ୍ଡି ଆସି ମିନି ଷ୍ଟାଡିୟମରେ ଗ୍ରାମବାସୀ, ଚାଷୀ ଏବଂ ମତ୍ସ୍ୟଜୀବୀ ମାନଙ୍କ ସହ ମତଶିବା ସହ ଜନ ସମ୍ବାଦ କାର୍ଯ୍ୟକ୍ରମରେ ଯୋଗ ଦେବେ । ୪ଟା ୫୦ରେ ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ୍ ଯାଇ ଭୁବନେଶ୍ୱର ଫେରିଯିବେ ବୋଲି ସୂଚନା ମିଳିଛି।

## ସାଧାରଣ ବର୍ଗ, ଓବିସି ଶିକ୍ଷାର୍ଥୀଙ୍କ ପାଇଁ ହାଇସ୍କୁଲ ଦାବି



ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ଅଞ୍ଚଳବାସୀ।

ମୋହନା,୧୦।୧ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ହୋଇଥିଲେ ସୁଦ୍ଧା ଏଠାରେ ସାଧାରଣ ଏବଂ ଓବିସି ବର୍ଗ ପିଲାଙ୍କ ପାଠପଢ଼ା ପାଇଁ ହାଇସ୍କୁଲ ନାହିଁ। ଏଠାରେ ଗୋଟିଏ ହାଇସ୍କୁଲ ଖୋଲିବା ପାଇଁ ଜନସାଧାରଣ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଛନ୍ତି। କିନ୍ତୁ ପ୍ରଶାସନ ନୀରବଦ୍ରଷ୍ଟା। ମୋହନା, କଣ୍ଟେଇକୋଲି, ରଙ୍ଗମାଟିଆ, ବେତାର ସିଂ, ଖାରିଗୁଡ଼ା ଆଦି ସ୍କୁଲଗୁଡ଼ିକରୁ ବର୍ଷକୁ ୨୦୦ରୁ ଊର୍ଦ୍ଧ୍ୱ ସାଧାରଣ ଏବଂ ଓବିସି ବର୍ଗର ଛାତ୍ରୀଛାତ୍ର ଅଷ୍ଟମ ପାସ୍ କରୁଥିବା ବେଳେ ନବମ ଶ୍ରେଣୀରେ ନାମଲେଖାଇବା ପାଇଁ ହାଇସ୍କୁଲ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ୫ରୁ ୧୦ କିଲୋମିଟର ଦୂରତାରେ ରହିଥିବା ବିଦ୍ୟାଳୟକୁ ଯାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢ଼ନ୍ତି। ଅପରପକ୍ଷେ, ମୋହନାରେ ଏସ୍‌ଏସ୍‌ଡି ହାଇସ୍କୁଲ ରହିଛି କିନ୍ତୁ ଏହା ଆଦିବାସୀ ଓ ହରିଜନ ବିଦ୍ୟାର୍ଥୀଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ସାଧାରଣ ବର୍ଗର ଛାତ୍ରୀଛାତ୍ରମାନେ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ମୋହନାରେ ବହୁ ପୁରାତନ ୟୁପି ସ୍କୁଲଟିଏ ବଜାର ପାର୍ଶ୍ୱରେ ରହିଛି। ଉକ୍ତ ୟୁପି ସ୍କୁଲ ମଧ୍ୟରେ ହାଇସ୍କୁଲ ପାଇଁ ଭିତିଭୂମି ଓ ଶିକ୍ଷକ ମଧ୍ୟ ଅଛନ୍ତି। ତେଣୁ ଏହି ୟୁପି ସ୍କୁଲକୁ ଅପଗ୍ରେଡ୍ କରି ହାଇସ୍କୁଲ ଖୋଲିବା ପାଇଁ ମୋହନାର ବୁଦ୍ଧିଜୀବୀ ମଧୁସୂଦନ ପାଢ଼ୀ, ଜିତେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ ବୀର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଦାବି କରିଛନ୍ତି। ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

## କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

ଫୁଲବାଣୀ,୧୦।୧ (ରାକେଶ କୁମାର ରାଉତ)

ଫୁଲବାଣୀ କରୋନେଶନ ପଡ଼ିଆରେ ବୁଧବାର କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଦୀପ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କାମ୍ପା, ଫୁଲବାଣୀ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଡ଼ି, ଜି.ଉଦୟଗିରି ସହକାରୀ ବନ ସଂରକ୍ଷକ ଦିବାକର ବେହେରା ଯୋଗ ଦେଇଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ



ହର୍ବାଲ ମେଳାରେ ଉପସ୍ଥିତ ଅତିଥି।

ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଔଷଧୀୟ ବୃକ୍ଷର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଜନ ମାନସରୁ ଅପସରି ଯାଉଥିବା ବିଭିନ୍ନ ଗଛକୁ କେମିତି ବଞ୍ଚାଇ ପରିବେଶକୁ ସୁରକ୍ଷିତ ରଖିବା ଏବଂ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଆୟୁର୍ବେଦ ଔଷଧର ସେବନ ଓ ଉପକାରିତା ଉପରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ଏହି ମେଳା ୧୪ ତାରିଖ ଯାଏ ଚାଲିବ। ମେଳାରେ ୫୫ରୁ ଊର୍ଦ୍ଧ୍ୱ ଷ୍ଟଲ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ବୈଦ୍ୟମାନେ ଆସି ଆୟୁର୍ବେଦ ଔଷଧ ବିକ୍ରି କରୁଛନ୍ତି।

### ରାସନ ବଣ୍ଟନ ପରେ ହଟିଲା ରାସ୍ତା ଅବରୋଧ

ଖଜୁରିପଡ଼ା,୧୦।୧ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକର ପ୍ରତି ପଞ୍ଚାୟତରେ ରାଶନ ଚାଉଳ ବଣ୍ଟନ ହେଉଥିବା ବେଳେ ଦୁତୀମେଣ୍ଡି ପଞ୍ଚାୟତବାସୀ ଚାଉଳ ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇବାପରେ ଦୁତୀମେଣ୍ଡି ପଞ୍ଚାୟତର ରାଶନ କାର୍ଡ ହିତାଧିକାରୀମାନେ ୪ ଘଣ୍ଟା ଧରି ଫୁଲବାଣୀ ଭୁବନେଶ୍ୱର ଜାତୀୟ ରାଜପଥ ୧୫୭କୁ ଅବରୋଧ କରିଥିଲେ। ଖବର ପାଇ ପୋଲିସ ବାହିନୀ ସହିତ ଖଜୁରିପଡ଼ା ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ, ଜିଲା ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀ, ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ପି. ଭାର୍ଗବୀ ପହଞ୍ଚି ହିତାଧିକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ କିଛି ମଧ୍ୟ ବୁଝି ନ ଥିଲେ। ପରେ ବିଡିଓଙ୍କ ଉପସ୍ଥିତିରେ ରାଶନ ଚାଉଳ ଆସି ମଲ୍ଲିକ ସାହି ସ୍କୁଲରେ ବଣ୍ଟନ ହେବା ପରେ ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ରାସ୍ତା ଅବରୋଧ ହେବା ଦ୍ୱାରା ୪ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

### କମଳା ପ୍ରକାଶନୀ ପ୍ରତିଷ୍ଠାତାଙ୍କ ପରଲୋକ

ଫୁଲବାଣୀ,୧୦।୧ (ରାକେଶ କୁମାର ରାଉତ)

ଫୁଲବାଣୀ ସହରର 'କମଳା ପ୍ରକାଶନୀ'ର ପ୍ରତିଷ୍ଠାତା କମଳା ମହାପାତ୍ର(୮୮)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣା ମହିଳା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ବୁଦ୍ଧିଜୀବୀ, କବି, ଲେଖକ, ଶୁଭେଚ୍ଛୁ, ଆତ୍ମୀୟ ସ୍ୱଜନମାନେ ଆସି ଶେଷ ଦର୍ଶନ କରିଥିଲେ। ବଡ଼ ପୁଅ ପ୍ରସନ୍ନ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ବରିଷ୍ଠ ସାହିତ୍ୟିକ ଡ. ନୃସିଂହାନନ୍ଦ ସ୍ୱର୍ଗତ ମହାପାତ୍ରଙ୍କର ସାନ ପୁଅ ଅଟନ୍ତି । ଜିଲା ଲେଖକ ସାମ୍ମୁଖ୍ୟ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ, କନ୍ଧମାଳ ରୋଟାରି କ୍ଲବ, ନିରଞ୍ଜନ ଦିବ୍ୟାଙ୍ଗ ସେବା ସମିତି ପ୍ରଭୃତି ଅନୁଷ୍ଠାନର କର୍ମକର୍ତ୍ତାମାନେ ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁ ଶଯ୍ୟାରେ ତାଙ୍କ ପୁଅ, ଝିଅ, ବୋହୂ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ସିପିଆଇର କାର୍ଯ୍ୟକାରିଣୀ ବୈଠକ

ଛତ୍ରପୁର,୧୦।୧ (ଦିଲୀପ ସାମଲ)

ଛତ୍ରପୁର ନିର୍ବାଚନମଣ୍ଡଳୀ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଛତ୍ରପୁର ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଏସ୍. କ୍ରିଷ୍ଣା ରେଡ୍ଡୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇ ଦଳୀୟ ନେତା ଓ କର୍ମୀମାନଙ୍କୁ ଆଗକୁ ଆସୁଥିବା ସାଧାରଣ ନିର୍ବାଚନ ନିମନ୍ତେ ଗୁରୁମନ୍ତ୍ର ଦେଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଦିଆଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ପ୍ରାର୍ଥୀଙ୍କ ନାମ ଚଳିତ ମାସର ଶେଷସୁଦ୍ଧା ପ୍ରକାଶ କରାଯିବ। ଦଳ ଶ୍ରମିକ, ଚାଷୀ ଏବଂ ସ୍ଥାନୀୟ ବିଭିନ୍ନ ସମସ୍ୟା ଉପରେ ପ୍ରସଙ୍ଗ ଉଠାଇବ। ବୈଠକରେ ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସହସମ୍ପାଦକ ରାଜେନ୍ଦ୍ର



ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ।

ନାହାକ ଓ ଦୁର୍ଯ୍ୟୋଧନ ପରିଡା, ଚମାଖଣ୍ଡି ଜୋନାଲ ସମ୍ପାଦକ ସି.ଏଚ୍. ଜନାର୍ଦ୍ଦନ ରେଡ୍ଡୀ, ସହସମ୍ପାଦକ ଏନ୍. ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ପୂର୍ଣ୍ଣଚନ୍ଦ୍ର ରଥ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ଲୋଚନ ପଣ୍ଡା, ନାରିନେତ୍ରୀ ଏନ୍. ଭାନୁମତୀ ରେଡ୍ଡୀ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ସିକନ୍ଦର ଖାନ୍, ପ୍ରଫୁଲ୍ଲ ପାଣିଗ୍ରାହୀ, ଏସ୍. ତ୍ରିନାଥ ରେଡ୍ଡୀ, ନାରାୟଣ ନାୟକଙ୍କ ସମେତ ବହୁ ଦଳୀୟ ଛାମୁଆ ନେତା ଓ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ ମାରଣ ନୀତି ବିରୋଧରେ କହିଥିଲେ। ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥୀ କିପରି ବିଜୟୀ ହେବେ ସେ ନେଇ ଆଲୋଚନା ହୋଇଥିଲା।

## ଆର୍‌ବିଆଇର ଆର୍ଥିକ ସଚେତନତା ଉପରେ ୱାକାଥନ

ଫୁଲବାଣୀ, ୧୦।୧
(ରାକେଶ କୁମାର ରାଉତ)

ଫୁଲବାଣୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ 'ୱାକାଥନ' ଆୟୋଜିତ ହୋଇଯାଇଛି। ଏହି 'ୱାକାଥନ' ସର୍କିଟ ହାଉସଠାରୁ ଆରମ୍ଭ ହୋଇ ଗାନ୍ଧୀ ସ୍ମୃତି ଭବନରେ ଶେଷ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ପ୍ରାୟ ୨୫୦ ଜଣ ଅଂଶଗ୍ରହଣ କରିଥିଲେ। 'ୱାକାଥନ' ପରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଆଦି ଉପରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ୍‌ର ଡେପୁଟି ଜେନେରାଲ ମ୍ୟାନେଜର ମାରୁତ ପ୍ରକାଶ ବେହେରା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଅଶୋକ କୁମାର ଭୋଇ, ଏସିଆଇ ଆଞ୍ଚଳିକ ପରିଚାଳକ ମାନସ ଆଚାର୍ଯ୍ୟ, ମୁଖ୍ୟ ଜିଲା ପ୍ରବନ୍ଧକ ହରେକୃଷ୍ଣ ଜେନା, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ଏସ୍‌କେ ମହାନ୍ତି ଓ ଆରବିଆଇର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା




ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୧୦।୧ (ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୂନ୍ୟ ମୃତାହତ ଉପରେ ଅଧିକାଂଶ ବକ୍ତା ମତବ୍ୟକ୍ତ କରିଥିଲେ। ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ଛନକା ପଶିଥାଏ। ପ୍ରାକୃତିକ ବିପର୍ଯ୍ୟୟକୁ କିପରି ସମନ୍ୱୟ ରଖି ଆଗୁଆ ମୁକାବିଲା କରାଯିବ ସେ ନେଇ ଏହି କର୍ମଶାଳା ହୋଇଥିଲା। ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ପ୍ରମୁଖ ଯୋଗଦେଇ ଶୂନ୍ୟ ମୃତାହତ ପାଇଁ ବ୍ଲକ ଓ ପଞ୍ଚାୟତର ସମସ୍ତ ସରକାରୀ ଅଧିକାରୀ ପଞ୍ଚାୟତ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରଖି ବିପର୍ଯ୍ୟୟର ମୁକାବିଲା କରିବାକୁ କହିଥିଲେ। ଏହି ଅବସରରେ ବାର୍ତ୍ତର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ବାବଦରେ ତାଲିମ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଗର୍ଭବତୀ, ପ୍ରସୂତି ମହିଳା, ଛୋଟ ଶିଶୁ, ବୃଦ୍ଧାବୃଦ୍ଧଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ବ୍ୟବହୃତ ହେବାକୁ ଥିବା ସମସ୍ତ ଯନ୍ତ୍ରାଂଶକୁ ଆଗୁଆ ପ୍ରସ୍ତୁତ କରି ରଖିବା ଦିଗରେ ଅବଗତ କରାଇଥିଲେ। କର୍ମଶାଳାରେ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ କୁମାର ରାୟ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ଭଞ୍ଜନଗର ବ୍ଲକ ଗ୍ରାମପଞ୍ଚାୟତ ଅଫିସର ପ୍ରିୟଦର୍ଶନୀ ମଲିକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଅଗ୍ନିଶମ, ଗ୍ରାମ୍ୟ ଜଳଯୋଗାଣ, ବିଦ୍ୟୁତ୍, ଶିକ୍ଷା, କୃଷି, ଉଦ୍ୟାନ କୃଷି, ପଶୁସମ୍ପଦ, ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ ଏବଂ ସମ୍ମାନନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### ପୋଲିସ, ସେକ୍ଟର ଅଫିସରଙ୍କୁ ପ୍ରଶିକ୍ଷଣ

ଛତ୍ରପୁର,୧୦।୧ (ଦିଲୀପ ସାମଲ)

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଜିଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦ୍ୱିତୀୟ ଦିନରେ ଭଞ୍ଜନଗର ଉପଖଣ୍ଡସ୍ତରୀୟ ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତୀଭାସନ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି , ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ ଏକା, ଆସିଷ୍ଟାଣ୍ଟ କଲେକ୍ଟର ଓମ୍ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଧାନଗଦା ଦଳିଦେଲେ ହାତୀପଲ, ଚିନ୍ତାରେ ଚାଷୀ

ବେଲଗୁଣ୍ଠା,୧୦।୧ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବର୍ଷକର ଫସଲ ନଷ୍ଟ କରିଛନ୍ତି ହାତୀପଲ। ବର୍ଷ ସାରା କିପରି ଗରୀବ ଚାଷୀ ନିଜ ପରିବାରର ପ୍ରତିପୋଷଣ କରିବ ସେହି ଚିନ୍ତାରେ ପଡ଼ିଛି। ବର୍ଷ ଆରମ୍ଭରୁ ନିଅଣ୍ଟିଆ ବର୍ଷା ଯୋଗୁ ଧାନ ଚାଷରେ ଚାଷୀ ବହୁତ କ୍ଷତି ସହିଥିବା ବେଳେ ଯାହା କିଛି ସାଇତି ରଖିଥିଲା ସେସବୁକୁ ହାତୀପଲ ଏବେ ନଷ୍ଟ କରିବାରେ ଲାଗିଛନ୍ତି। ଗତ କିଛି ଦିନ ହେବ ଗାଙ୍ଗପୁର ବନଖଣ୍ଡ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ି ଚାଲିଛି। ରାତିରେ ଏକ ୧୯ ଜଣିଆ ହାତୀପଲ ଗାଁ ପାଖକୁ ମାଡ଼ି ଆସି ଲୋକଙ୍କ ବାଡ଼ି, ବଗିଚା ଏବଂ ଶସ୍ୟ କ୍ଷେତ୍ରରେ ପଶି ଗଛ ଗୁଡ଼ିକୁ ଦଳି ଚକଟି ନଷ୍ଟ କରିଦେବା ଯୋଗୁ ଏହି ଅଞ୍ଚଳର ଚାଷୀମାନେ ନିଜ ଫସଲ ସୁରକ୍ଷା ଚିନ୍ତାରେ ଦିନ କାଟୁଛନ୍ତି। ମଙ୍ଗଳବାର ରାତିରେ ଏହି ୧୯ ଟିକିଆ ହାତୀପଲ ବୁଢାକେନ୍ଦୁ ରାଇପଡା ହୋଇ ଗୋବରା ମୁଖ୍ୟ ସଡ଼କକୁ ବାହାରି ବିରିପୁର



ହାତୀପଲ ନଷ୍ଟ କରିଥିବା ଫସଲ ।

ଏବଂ ଡେଙ୍ଗାପଦର ଗାଁରେ ପଶି ସେହି ଗ୍ରାମର କିଛି ଚାଷୀଙ୍କ ଧାନଗଦାଗୁଡ଼ିକୁ ଦଳି ମକଚି ନଷ୍ଟ କରିଦେବା ସହ କିଛି ଗଦାରୁ ଧାନ ମଧ୍ୟ ଖାଇଥିବା ଅଭିଯୋଗ ହୋଇଛି। ଡେଙ୍ଗାପଦର ଗ୍ରାମର ଚାଷୀ ଦିବାକର ନାୟକ, ବିଜୟ ମହାନ୍ତି ଏବଂ ମୋଚିରାମ ସେଠୀଙ୍କ ଧାନ ଗଦା ଗୁଡ଼ିକୁ ହାତୀପଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଯାହାର ମୂଲ୍ୟ ପଚାଶ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗ୍ରାମ୍ଯ ସଭାପତି ବିପ୍ର ଚରଣ ନାୟକ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ହାତୀପଲ ଥରେ ଦୁଇଥର ଏହି ଅଞ୍ଚଳକୁ ଆସି ଫସଲ ନଷ୍ଟ କରୁଛନ୍ତି। ଏନେଇ ଚାଷୀମାନେ ଲିଖିତ ଅଭିଯୋଗ ଦେବା ସହିତ କ୍ଷତି ପୂରଣ ପାଇଁ ଦାବି ବି କରୁଛନ୍ତି। କିନ୍ତୁ ବିଭାଗ କ୍ଷତି ପୂରଣର ପ୍ରତିଶ୍ରୁତି ଦେଇ ବର୍ଷ ବର୍ଷ ଧରି ନୀରବ ରହୁଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

